PR.NO. 315
30.08.25

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗିରିପୋଷି: ମୟୂରଭଞ୍ଜ

## ଇସ୍ତାହାର

ମିସ କେଶ ନମ୍ବର :- ୦୮/୨୦୨୫

(ସରକାରୀ ଜମିର ମନ୍ତବ୍ୟ ଖାନାରୁ ଦଖଲ ନୋଟ ଉଚ୍ଛେଦ)

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବର୍ଣିତ ଜମିକୁ ଆଦିବାସୀ, ହରିଜନ ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡିଶା ସରକାରଙ୍କ ବଣକାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ-୧ ନିମନ୍ତେ ଯୋଗାଇ ଦେବାର ପ୍ରସ୍ତାବ ଆଗତ ହୋଇଅଛି । ଯେ ହେତୁ ୦୯ ଗୋଟି ପ୍ଲଟର ମନ୍ତବ୍ୟ ଖାନାରେ " ଦଖଲ ନୋଟ ଓ ବେଆଇନ ଜବରଦଖଲ ନୋଟ " ଦରଜ ଅଛି, ତାହାର ମନ୍ତବ୍ୟ ଖାନାରୁ ଦଖଲ ନୋଟ ଓ ବେଆଇନ ଜବରଦଖଲ ନୋଟ ଉଚ୍ଛେଦର ଆବଶ୍ୟକ ହେଉଅଛି ।

ଏଣୁ, ଏଥିରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ, ଇସ୍ତାହାର ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯାଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ

ମୌଜା :- ବଣକାଟି  ଥାନା :- ବାଙ୍ଗିରିପୋଷି ,  ଥାନା ନମ୍ବର :- ୨୭୨

| ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ ଖାନା ଦଖଲ ନୋଟ |
|---|---|---|---|---|
| 145 (Rakhit) | ୨୬୪ | ୦.୬୬ | ଉନ୍ନତ ଯୋଜନା ଯୋଗ୍ୟ | ଖେଳ ପଡିଆ ପାଇଁ ସଂରକ୍ଷିତ |
| | ୨୬୫ | ୦.୨୦ | ଉନ୍ନତ ଯୋଜନା ଯୋଗ୍ୟ | |
| | ୨୮୭ | ୦.୭୯ | ସାର୍ବସାଧାରଣ ଯୋଗ୍ୟ | ଯୁବକ ସଂଘ ପାଇଁ ସଂରକ୍ଷିତ |
| | ୨୮୮ | ୦.୯୭ | ଉନ୍ନତ ଯୋଜନା ଯୋଗ୍ୟ | ଖେଳ ପଡିଆ ପାଇଁ ସଂରକ୍ଷିତ ବେଆଇନ ଦଖଲ ରାଜକିଶୋର ବଇଠା ପି-ହରିହର ବଇଠା, ଜା-ଡମ, ବା-ନିଜଗାଁ, ହାଲ କିସମ-ଆଶୁ |
| | ୨୮୯ | ୦.୪୬ | ଉନ୍ନତ ଯୋଜନା ଯୋଗ୍ୟ | ଖେଳ ପଡିଆ ପାଇଁ ସଂରକ୍ଷିତ |

Tahasildar
Bangriposi, Mayurbhanj
30.08.25

Scanned with OKEN Scanner

| | | | | |
|---|---|---|---|---|
| 145 (Rakhit) | ୨୯୦ | ୦.୯୦ | ସାର୍ବସାଧାରଣ ଯୋଗ୍ୟ | ଯୁବକ ସଂଘ ପାଇଁ ସଂରକ୍ଷିତ ବେଆଇନ ଦଖଲ ଅଚ୍ୟୁତ ବଇଠା ପି-କାଳି ବଇଠା, ଜା-ତମ, ବା-ନିଜଗାଁ, ହାଲ କିସମ-ଆଶୁ |
| | ୨୯୧ | ୦.୧୩ | ଉନ୍ନତ ଯୋଜନା ଯୋଗ୍ୟ | ଖା ଦା 57/2022 ନମ୍ବର ମିସକେଶ ନଥି ଓ ବାରିପଦା ବନଖଣ୍ଡ ଅଧିକାରୀଙ୍କ ଆଦେଶ ସଂଖ୍ୟା 49/4F ତା 03.03.2022 ମୂଳେ ଏହି ପ୍ଲଟରୁ ଏ ୨.୩୭ ଡି କୁ ଖାରଜ କରି ପ୍ଲଟ ନମ୍ବର ୨୯୧/୧୩୩୭ କରି ସରକାରୀ SSD ଉଚ୍ଚ ବିଦ୍ୟାଳୟ ବଣକାଟୀ ନାମେ ସଂରକ୍ଷିତ କରାଗଲା । |
| | ୨୯୨ | ୦.୮୦ | ସାର୍ବସାଧାରଣ ଯୋଗ୍ୟ | ଲାଇବ୍ରେରୀ ପାଇଁ ସଂରକ୍ଷିତ |
| | ୨୯୪ | ୦.୪୬ | ବସ୍ତିଯୋଗ୍ୟ | ବେଆଇନ ଦଖଲ ନବ ବଇଠା ପି-ରାସ ବଇଠା, ଜା-ତମ, ବା-ନିଜଗାଁ, ହାଲ କିସମ-ଆଶୁ |
| ମୋଟ | ୦୯ ପ୍ଲଟ | ଏ. ୭.୨୪ | | |

ତହସିଲଦାର, ବାଙ୍ଗିରିପୋଷି

Tahasildar
Bangriposi, Mayurbhanj

ଏହାର ଏକକିତା ନକଲ ବଣକାଟି ମୌଜାରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରକାଶ କରିବାକୁ ପଠାଗଲା ।

ଏହାର ଏକକିତା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବଣକାଟି /ରାଜସ୍ୱ ନିରୀକ୍ଷକ, ବାଙ୍ଗିରିପୋଷିଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦି ଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାଙ୍ଗିରିପୋଷି ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ତହସିଲଦାର, ବାଙ୍ଗିରିପୋଷି

Tahasildar
Bangriposi, Mayurbhanj

Scanned with OKEN Scanner